# ୮ ବେଆଇନ ଇଟାଭାଟି ଉଚ୍ଛେଦ

- ତରବରିଆ ଭାବେ ଉଚ୍ଛେଦ କଲା ପ୍ରଶାସନ
- ବିକ୍ରି ପାଇଁ ଗଚ୍ଛିତ ଥିବା ପୋଡ଼ାଇଟା ଗାଏବ


ବେଆଇନ ଇଟାଭାଟି ଉଚ୍ଛେଦ ବେଳେ କଞ୍ଚା ଇଟାଗୁଡ଼ିକୁ ନଷ୍ଟ କରିଦିଆଯାଇଛି।

**ଢେଙ୍କାନାଳ,୧୯।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗଠାରୁ କୁରୁଣ୍ଟି ମଧ୍ୟରେ ବ୍ରାହ୍ମଣୀ ନଦୀ କୂଳରେ ଚାଲୁଥିବା ବେଆଇନ ଇଟା ଭାଟିକୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ମଙ୍ଗଳବାର ଭୋର ୪ଟା ସମୟରେ ଉଚ୍ଛେଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ୍ ୮ଟି ଇଟାଭାଟି ଉଚ୍ଛେଦ ହୋଇଛି। ବ୍ରାହ୍ମଣୀ ନଦୀ କୂଳରେ ବେଆଇନ ଭାବେ ପ୍ରାୟ ୪୦ଟି ଇଟାଭାଟି ଚାଲୁଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମାଟିରେ ତିଆରି ନାଲି ଇଟାକୁ ନିଷେଧ କରାଯାଇଥିବାବେଳେ ଏତେ ସଂଖ୍ୟକ ଇଟାଭାଟି କିଭଳି ବ୍ରାହ୍ମଣୀ ନଦୀ କୂଳରେ ଦୀର୍ଘଦିନ ଧରି ଚାଲୁଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଏ ସମ୍ପର୍କରେ ଜାଣି ମଧ୍ୟ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲ କର୍ତ୍ତୃପକ୍ଷ ନୀରବତା ଅବଲମ୍ବନ କରିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଭୋର ସମୟରେ ଇଟାଭାଟି ଉଚ୍ଛେଦ କରାଯିବା ଏବଂ ବିକ୍ରି ପାଇଁ ଗଚ୍ଛିତ ଥିବା ବହୁ ପୋଡାଇଟା ଚଢାଉ ସମୟରେ ଗାଏବ ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ମୃତ ୨ ଶ୍ରମିକ ନାବାଳକ ଥିବା ଅଭିଯୋଗ ହୋଇଥିବାବେଳେ ଏହାକୁ ନେଇ ମଧ୍ୟ ଖୋଳତାଡ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ଗତ ଗୁରୁବାର ବିଳମ୍ବିତ ରାତିରେ ବ୍ରାହ୍ମଣୀ ନଦୀକୂଳରେ ଥିବା ବେଆଇନ ଇଟାଭାଟି ପରିସରସ୍ଥିତ ଏକ କୋଠରିରେ ଶୋଇଥିବା ବେଳେ ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ୍ୟୁ ହୋଇଥିଲା। ଜଣେ ଗୁରୁତର ହୋଇ କଟକଠାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପରେ ଜିଲାପାଳଙ୍କ ନିର୍ଦ୍ଦେଶର ୨ ଦିନ ପର୍ଯ୍ୟନ୍ତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଛୁଟିରେ ଥିବା ଆଳ ଦେଖାଇ ଇଟାଭାଟି ଉଚ୍ଛେଦ କରାଯାଇ ନ ଥିଲା। କଣ୍ଟାବଣିଆ ପୋଲିସ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କୋଇଲା ଜବତ କରିଥିଲା। ଏହାପରେ ମଙ୍ଗଳବାର ଭୋର ସମୟରେ ଓଡ଼ାପଡ଼ା ତହସିଲଦାର, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏବଂ କଣ୍ଟାବଣିଆ ଓ ମୋଟଙ୍ଗା ଥାନା ପୋଲିସ ଉପସ୍ଥିତିରେ ବେଆଇନ ଇଟାଭାଟିକୁ ଉଚ୍ଛେଦ କରାଯାଇଥିଲା। ସେହିପରି ଅଭିଯୁକ୍ତ ଇଟାଭାଟି ମାଲିକଙ୍କ ବିରୋଧରେ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଉଚ୍ଛେଦ ବେଳେ ପୋଡ଼ିବା ପାଇଁ ରଖାଯାଇଥିବା ପ୍ରାୟ ୫୦ ଲକ୍ଷ ଟଙ୍କାର ଇଟା ନଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ ଓଡ଼ାପଡ଼ା ତହସିଲଦାର ମହେଶ୍ୱର ବେହେରା କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ କମଲାଙ୍ଗରୁ କୁରୁଣ୍ଟି ମଧ୍ୟରେ ୮ଟି ଇଟାଭାଟି ଉଚ୍ଛେଦ କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ଚିହ୍ନଟ ପରେ ବାକିଥିବା ବେଆଇନ ଇଟାଭାଟି ଉଚ୍ଛେଦ କରାଯିବ। ଏ ସଂକ୍ରାନ୍ତରେ କଣ୍ଟାବଣିଆ ଥାନା ଅଧିକାରୀ ଦୀପିକା ଦେବୀ ରାୟ କହିଛନ୍ତି, କେବଳ ଉଚ୍ଛେଦ ହୋଇଛି। ପୋଡାଇଟା କିଛି ମିଳିନି।

# ମୁଖ୍ୟମନ୍ତ୍ରୀଙ୍କ ଯୋରନ୍ଦା ଗସ୍ତ ପାଇଁ ପ୍ରସ୍ତୁତି

**ଢେଙ୍କାନାଳ,୧୯।୧୨(ରତନ ନାୟାର)/ ପରଜଙ୍ଗ (ନିଗମାନନ୍ଦ ଦଳବେହେରା)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୨ ତାରିଖରେ ବିଶ୍ୱପ୍ରସିଦ୍ଧ ମହିମାଧର୍ମ ପୀଠ ଢେଙ୍କାନାଳ ଜିଲା ମହିମାଗାଦୀ ଯୋରନ୍ଦାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ୧୧୨ କୋଟି ଟଙ୍କାର ଅନୁଦାନରେ ପୀଠର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ମହିମାଗାଦୀ ଯୋରନ୍ଦାରେ ପ୍ରସ୍ତୁତି ଜୋର୍ ଧରିଛି। ମଙ୍ଗଳବାର ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ମନୋରଞ୍ଜନ ମଲ୍ଲିକ ଏବଂ ଅନ୍ୟ ଅଧିକାରୀମାନେ ମହିମାପୀଠ ଯୋରନ୍ଦାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପଲକ୍ଷେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିଥିଲେ। ଏ ସମ୍ପର୍କରେ ସୂଚନା ପ୍ରଦାନ କରି ବିଧାୟକ କହିଛନ୍ତି, ଯୋରନ୍ଦାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧୨ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏଥିରେ ପୀଠରେ ଭବ୍ୟ ମନ୍ଦିର, ଧୂନୀ ମନ୍ଦିର, ଜ୍ୟୋତି ମନ୍ଦିର ଆଦି ପୁନଃରୁଦ୍ଧାର କରାଯିବା ସହିତ ରାସ୍ତାଘାଟ, ଲାଇବ୍ରେରୀ ଆଦିର ମଧ୍ୟ ଉନ୍ନତୀକରଣ ହେବ। ଏହି ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିବେ। ପୀଠର ଉନ୍ନତୀକରଣ ହେଲେ ଏଠାକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ସମସ୍ତ ପ୍ରକାର ସୁବିଧା ପାଇପାରିବେ। ମହିମାଧର୍ମର ପ୍ରଚାର ପ୍ରସାର ସମଗ୍ର ବିଶ୍ୱସ୍ତରରେ ଯେପରି ହୋଇପାରିବ ସେଥିପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି ବୋଲି ବିଧାୟକ କହିଥିଲେ।

## ପରଜଙ୍ଗ ଆସିବେ ୫-ଟି ଅଧ୍ୟକ୍ଷ


ସମୀକ୍ଷା ପାଇଁ ଆସିଥିବା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ସ୍ୱାଗତ କରାଯାଉଛି।

ସେହିପରି ଆଗାମୀ ଦିନରେ ୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପରଜଙ୍ଗ ନିର୍ବାଚନମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ନେଇ ମଙ୍ଗଳବାର ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ସମୀକ୍ଷା କରିଥିଲେ। ପରେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ବାସଭବନରେ ପହଞ୍ଚି ସ୍ଥାନୀୟ ବିଜେଡି ନେତା ଓ କର୍ମୀଙ୍କୁ ଭେଟି ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଯୁବନେତା ଅସିତ୍ କୁମାର ରାୟ ଚୌଧୁରୀ, ଜିଲା ପରିଷଦ ଉପସଭାପତି ବିଳାସିନୀ ସେଠୀ, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବିଜୁ ଛାତ୍ର ସଭାପତି ପ୍ରୀୟଜିତ୍ ସାମଲ, କୃଷ୍ଣଚନ୍ଦ୍ର ମହାନ୍ତି, ଜିଲା ସମ୍ପାଦକ ପ୍ରେମାନନ୍ଦ ସାହୁ, ବିଭିନ୍ନ ଜିଲାପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

**ଭୁବନ,୧୯।୧୨(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି। ମଙ୍ଗଳବାର ଛାତ୍ରୀଛାତ୍ରମାନେ ସହରର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ସହରର କାଳୀବଜାର ଓ ନୂଆ ବଜାରରେ ପଥପ୍ରାନ୍ତ ନାଟକ ପରିବେଷଣ କରି ପରିମଳ, ରୋଗ ନିରାକରଣ, ନାରୀ ଜାଗରଣ ଆଦି ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ନୂଆ ବଜାରଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଅଜିତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଭୁବନ ଥାନା ଅଧିକାରୀ ନରେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଘରୋଇ ବସ୍ ମାଲିକ ସଂଘ ସଭାପତି ନିରଞ୍ଜନ ପୃଷ୍ଟି ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପ୍ରଭାତ କୁମାର ଜେନା ପରିଚାଳନା କରିଥିଲେ। ନନ୍ଦକିଶୋର ଧୀର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା କ୍ରିଷ୍ଣାପ୍ରିୟା ପାତ୍ର, ଅନ୍ନପୂର୍ଣ୍ଣା ବେହେରା, ଋତୁପର୍ଣ୍ଣା ପୃଷ୍ଟି, ରୋଜାଲିନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଆଜିଠାରୁ ସମୂହ ଛୁଟିରେ ଯିବେ ଅମଲା

**ଢେଙ୍କାନାଳ,୧୯।୧୨(ରତନ ନାୟାର)**

ଢେଙ୍କାନାଳ ଜିଲାର ସମସ୍ତ ଅମଲା ବୁଧବାରଠାରୁ ସମୂହ ଛୁଟିରେ ଯାଇ ଜିଲା କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିବେ। ଏ ନେଇ ମଙ୍ଗଳବାର ଜିଲାସ୍ତରୀୟ ଅମଲା ମଞ୍ଚ ଆବାହକ ଅରୁଣ ବଳିଆରସିଂ ଓ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ ଅମଲାମାନେ ଜିଲାପାଳଙ୍କୁ ଭେଟି ଅବଗତ କରାଇଛନ୍ତି। ଫଳରେ ମଙ୍ଗଳବାରଠାରୁ ଜିଲା କାର୍ଯ୍ୟାଳୟ ସମେତ ଜିଲା ସଦର ମହକୁମା, ସମସ୍ତ ବ୍ଲକ ଓ ଉପଖଣ୍ଡରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଥିବାବେଳେ ସରକାର ଅମଲାମାନଙ୍କୁ ମାଟ୍ରିକ ହାରରେ ଦରମା ଦେବା ଅସନ୍ତୋଷର କାରଣ ହୋଇଛି।

# ସମୃଦ୍ଧ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି


ଖଡ଼ଗପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ବିକାଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ,୧୯।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଖଡଗପ୍ରସାଦ ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ନୂଆ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସମାଜସେବୀ ଗଙ୍ଗାଧର ସାମଲ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଡଗପ୍ରସାଦ ସରପଞ୍ଚ ସାବିତ୍ରୀ ଦଳେଇ, ପୂର୍ବତନ ସରପଞ୍ଚ ନରୋତ୍ତମ ରାଉତ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦର୍ଶନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅରୁଣ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିମାନେ।

**କାମାକ୍ଷାନଗର, ୧୯।୧୨(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଡିଗ୍ରୀ ମହିଳା କଲେଜରେ ମଙ୍ଗଳବାର ନୂଆ–ଓ କାର୍ଯ୍ୟକ୍ରମ ଆଧାରରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନଗରପାଳ ଧର୍ମାନନ୍ଦ ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ରୀଡାବିତ୍ ଆଦିତ୍ୟ କୁମାର ଆଚାର୍ଯ୍ୟ ଯୋଗଦେଇ କ୍ରୀଡାର ମହତ୍ତ୍ୱ ବିଷୟରେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ବନ୍ଦିତା ମହାନ୍ତି, କ୍ରୀଡା ଶିକ୍ଷକ କାଳିନ୍ଦୀ ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ୧୦୦ ଓ ୨୦୦ ମିଟର ଦୌଡ, କବାଡି, ଲଙ୍ଗଜମ୍ପ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଡ. ରେଣୁକା ପଣ୍ଡା, ସୁରମା ପ୍ରଧାନ, ଆଶିଷ ମହାନ୍ତିଙ୍କ ସମେତ ଅଧ୍ୟାପିକାଅଧ୍ୟାପକ, ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ଇ-ଲାଇବ୍ରେରି ଗବେଷଣାତ୍ମକ ଅଧ୍ୟୟନର ମୁଖ୍ୟ ଉତ୍ସ

**ଢେଙ୍କାନାଳ,୧୯।୧୨(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଲାଇବ୍ରେରି ଆନୁକୂଲ୍ୟରେ ମଙ୍ଗଳବାର ଡିଜିଟାଲ ଲାଇବ୍ରେରି ଓରିଏଣ୍ଟେଶନ କାର୍ଯ୍ୟକ୍ରମ ନୂତନ ପାଠଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଏହାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଇବିଏସ୍‌ସିଓର ରାଜ୍ୟ ତାଲିମ ପରିଚାଳକ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ଦିଆଯାଉଥିବା ବିଭିନ୍ନ ପ୍ରକାର ଡିଜିଟାଲ ଲାଇବ୍ରେରି ସେବା ସମ୍ପର୍କରେ ଆଲୋକପାତ କରି କହିଲେ, ଇ–ଲାଇବ୍ରେରି ଗବେଷଣାତ୍ମକ ଅଧ୍ୟୟନ ପାଇଁ ଏକ ମୁଖ୍ୟ ଉତ୍ସ। ଲାଇବ୍ରେରିର ନୂତନ ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପିକା ସୁମିତ୍ରା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ଲାଇବ୍ରେରି ପକ୍ଷରୁ ମହାବିଦ୍ୟାଳୟର ଇ–ଲାଇବ୍ରେରିକୁ ବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଲାଇବ୍ରେରିଆନ ସୁବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଡିଜିଟାଲ ଲାଇବ୍ରେରୀ ଓରିଏନ୍‌ଟେସନ କାର୍ଯ୍ୟକ୍ରମ

# ୧୧୨ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**କାମାକ୍ଷାନଗର,୧୯।୧୨(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ତଥା କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୋଟ୍ ୧୧୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ଉପନଗରପାଳ ଶକୁନ୍ତଳା ସେଠୀ, କାଉନସିଲର ଖୁଲଣା ବେହେରା, ରିତାଞ୍ଜଳି ନାଏକ, ସଞ୍ଜୟ ପରିଡା, ଜିତେନ୍ଦ୍ର ରାଉଳ, ଅଭିମନ୍ୟୁ ବେହେରା, ନଗରସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଯୁବ ସଭାପତି ସମ୍ବିତସୂର୍ଯ୍ୟ ସାହୁ ଉପସ୍ଥିତ ଥିଲେ।

# ଦୁର୍ଗମ ଅଞ୍ଚଳରେ ଭୋଟର ସଚେତନତା ଉପରେ ଗୁରୁତ୍ୱ

**କାମାକ୍ଷାନଗର,୧୯।୧୨(ସୁଧୀର ପରିଡା)**

କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର ମଙ୍ଗଳବାର କାଦୁଆ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ମର୍କଟା ଗ୍ରାମର ସମାଟାଙ୍ଗୀ ବୁଥ୍ ନଂ. ୬ ଅଞ୍ଚଳକୁ ଗସ୍ତ କରିଥିଲେ। ଏହି ଅବସରରେ ସହକାରୀ ଜିଲାପାଳ ଜୁଆଙ୍ଗ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମ୍ପ୍ରଦାୟ ପିଭିଟିଜି ଅନ୍ତର୍ଭୁକ୍ତ ହୋଇଥିବାରୁ ସେମାନଙ୍କ ଭୋଟର୍ ପଞ୍ଜୀକରଣ ସମ୍ପର୍କରେ ମଧ୍ୟ ଅନୁସନ୍ଧାନ କରିଥିଲେ। ପୂର୍ବରୁ ଏହି ସମ୍ପ୍ରଦାୟ ମଧ୍ୟରେ ଭୋଟର ପଞ୍ଜୀକରଣ ସମ୍ପର୍କିତ ସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଇଥିଲା। ତାର ଫଳାଫଳ ବାବଦରେ ଅବଗତ ପାଇଁ ସହକାରୀ ଜିଲାପାଳ ମିଶ୍ର ସିଧାସଳଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ସମସ୍ତ ଯୋଗ୍ୟ ବ୍ୟକ୍ତି ଭୋଟର ତାଲିକାର ଅନ୍ତର୍ଭୁକ୍ତ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଭୋଟର ତାଲିକା ସମ୍ପର୍କରେ କୌଣସି ସମସ୍ୟା ଥିଲେ ବୁଥସ୍ତରୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ରାଜସ୍ୱ ସହାୟକ ସତ୍ୟବ୍ରତ ମଲ୍ଲିକ, ନିର୍ବାଚନ ସୁପରଭାଇଜର ପୂର୍ଣ୍ଣପ୍ରଭା ପାଳ ତଥା ବୁଥ ସ୍ତରୀୟ ଅଧିକାରୀ ସତ୍ୟଭାମା ସେଠୀ ସହଯୋଗ କରିଥିଲେ।


ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ରେଙ୍ଗାଳି ଥାନାରେ ନୂତନ ଆଇଆଇସି

**କଣିହାଁ,୧୯।୧୨(ସଚ୍ଚିଦାନନ୍ଦ ପ୍ରଧାନ)**



କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ ଥାନାରେ ନୂତନ ଆଇଆଇସି ଭାବେ ଜୟନ୍ତ କୁମାର ମହାନ୍ତି ସୋମବାର ଯୋଗ ଦେଇଛନ୍ତି। ଆଇନଶୃଙ୍ଖଳା, ଜନସାଧାରଣଙ୍କ ପ୍ରତି ପୋଲିସର ଆସ୍ଥା ଭାଜନ ହୋଇ କାର୍ଯ୍ୟ କରିବା ସହିତ ମହିଳାଙ୍କ ସୁରକ୍ଷା ଦିଗରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି ଜୟନ୍ତ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, ଆଇଆଇସି ମହାନ୍ତି ପଶ୍ଚିମ ଓଡିଶାରେ ଦୀର୍ଘ ୧୯ ବର୍ଷ କାର୍ଯ୍ୟ କରିଥିବାବେଳେ ବଲାଙ୍ଗୀର ଜିଲାରୁ ବଦଳି ହୋଇ ଅନୁଗୋଳ ଜିଲା ହେଡକ୍ୱାଟରରେ କାର୍ଯ୍ୟରତ ଥିଲେ।

# ଖେଳକୁଦରେ ସାମିଲ ହେଲେ ୩୦୦ ଦିବ୍ୟାଙ୍ଗ ପ୍ରତିଯୋଗୀ

**ଢେଙ୍କାନାଳ,୧୯।୧୨(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଜ୍ୟୋତିନଗରସ୍ଥିତ ଜୀବନଜ୍ୟୋତି ବୌଦ୍ଧିକ ଦିବ୍ୟାଙ୍ଗ ଅନୁଷ୍ଠାନ ପକ୍ଷରୁ ୪ର୍ଥ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅନୁଷ୍ଠାନର ରୌପ୍ୟଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମକୁ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, କ୍ରୀଡା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ଗୋଲକ ବିହାରୀ ସାହୁ, ଇନର୍‌ହୁଇଲ୍ କ୍ଲବ ସଭାନେତ୍ରୀ ଗାୟତ୍ରୀ ହିନ୍ଦୋଚା, ସମ୍ପାଦିକା ଶ୍ରଦ୍ଧା ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଝାରସୁଗୁଡାର ବୃନ୍ଦାମାଳ, ମୟୂରଭଞ୍ଜର ମନୋବିକାଶ, କଟକର ମଦର ଟେରେସା, ନୟାଗଡର ସେବା, ନୟାଗଡର ସୃଷ୍ଟି, ମୟୂରଭଞ୍ଜର ଭାରତ ଜ୍ୟୋତି, ଭୁବନେଶ୍ୱରର ଚେତନା, କଟକର ଆଇଆର୍‌ସିଏସ୍ ଓ ଢେଙ୍କାନାଳ ଅକ୍ଷମ କଲ୍ୟାଣ ସମିତି ଆଦି ଦିବ୍ୟାଙ୍ଗ ବିଦ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଆରତୀପ୍ରଭା ସେନାପତି, ଶୁଭସ୍ମିତା ସାହୁ, ଶିବାନୀ ରଥ, ନବକିଶୋର ଡାକୁଆ, ଲକ୍ଷ୍ମୀକାନ୍ତ କର, ସଙ୍ଗୀତା ପଣ୍ଡା, ରମେଶ ପରିଡା, ଜ୍ୟୋତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜୀବନଜ୍ୟୋତିର ମୁଖ୍ୟ ପ୍ରଦ୍ୟୁମ୍ନ ମହାପାତ୍ର ପରିଚାଳନା କରିଥିଲେ।



# ବଲ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଚାମ୍ପିୟନ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବଇଣ୍ଡା,୧୯।୧୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାର କଦଳୀମୁଣ୍ଡାଠାରେ ଚାଲିଥିବା ବଲ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅଭିନାଶ ଓ ହିମାଂଶୁ ଚାମ୍ପିୟନ ହୋଇଥିଲେ। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପରି, ସୋନୁଙ୍କ ସହ ଅଭିନାଶ, ହିମାଂଶୁଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଭିନାଶ, ହିମାଂଶୁ ଚାମ୍ପିୟନ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, ଖବରଦାତା ପରିକ୍ଷିତ ସାହୁ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ଆଠମଲ୍ଲିକ ଶାଖା ପରିଚାଳକ ଜଗବନ୍ଧୁ ବେହେରା, ସୁନୀଲ ପ୍ରଧାନ, ପ୍ରଦୀପ ମହାପାତ୍ର ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ସତ୍ୟ ସୁନ୍ଦର ବେହେରା, ମିଳନ ସାହୁ, ଆଲୋକ ମହାନ୍ତି, ଚିନ୍ମୟ ମହାନ୍ତି, ରାହୁଲ ମହାନ୍ତି, ଶୁଭ୍ରଜିତ ସାହୁ, ଜ୍ଞାନରଞ୍ଜନ ପ୍ରଧାନ ସହଯୋଗ କରିଥିଲେ।

# ବିଜୁଳି କଟିଲେ ସିଟିସ୍କାନ୍ ଠପ୍

■ ବ୍ୟାଟେରି ଚୋରି ହୋଇଥିବାରୁ ଜେନେରେଟର ଅଚଳ
■ ଘରୋଇ ମେଡିକାଲ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ
■ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା



ଅନୁଗୋଳ, ୧୯।୧୨ (ଅମିତ କୁମାର ସାମଲ)

ବିଜୁଳି କଟିଲେ ଠପ୍ ହୋଇଯାଉଛି ଗୁରୁତ୍ୱପୂର୍ଣ୍ଣ ସିଟିସ୍କାନ ବ୍ୟବସ୍ଥା। ଜେନେରେଟର ଥିଲେ ବି ବ୍ୟାଟେରି ଚୋରି ହୋଇଯାଇଥିବାରୁ ତାହା କାର୍ଯ୍ୟରେ ଲାଗିପାରୁ ନାହିଁ। ଫଳରେ ସରକାରୀ ମେଡିକାଲରୁ ନିଃଶୁଳ୍କ ସେବା ପାଇ ନ ପାରି ରୋଗୀ ଘରୋଇ ଚିକିତ୍ସାଳୟକୁ ଯାଇ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଦେଇଥିବା ଏପରି ଅବ୍ୟବସ୍ଥାକୁ ନେଇ ରୋଗୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ସିଟିସ୍କାନ ଅଚଳ ରହିଲେ ଏହାର ଫାଇଦା ଉଠାଉଛନ୍ତି କେତେଜଣ ଦଲାଲ। ସେମାନେ ସିଟିସ୍କାନ ଆବଶ୍ୟକ କରୁଥିବା ରୋଗୀଙ୍କୁ ଘରୋଇ ଚିକିତ୍ସାଳୟକୁ ନେଇ ଅଧିକ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଚିକିତ୍ସାଳୟ ଅଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗତ ରବିବାର କୁରୁଡୁଲୁ ଅଞ୍ଚଳର ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକ ଆସିଥିଲେ। ଡାକ୍ତର ତାଙ୍କର ସିଟି ସ୍କାନ୍ କରିବାକୁ କହିଥିଲେ। ହେଲେ ସିଟି ସ୍କାନ୍ ପ୍ରକୋଷ୍ଠରେ ପହଞ୍ଚିବା ପରେ ମେଶିନ ଚାଲିପାରିବ ନାହିଁ ବୋଲି ଜାଣିବାକୁ ପାଇଥିଲେ। କାରଣ ମେଡିକାଲ ପଛପାର୍ଶ୍ୱ ଗେଟ୍ କାର୍ଯ୍ୟ ଚାଲିଥିବାରୁ ବିଜୁଳି ନ ଥିଲା। ତେଣୁ ସିଟି ସ୍କାନ କରିହେବନି ବୋଲି ତାଙ୍କୁ କୁହାଯାଇଥିଲା। ଜେନେରେଟର ପ୍ରସଙ୍ଗ ଉଠାଯାଇଥିଲେ ବି ବ୍ୟାଟେରି ଚୋରି ହୋଇଯାଇଥିବାରୁ ସିଟି ସ୍କାନ ବ୍ୟବସ୍ଥା ଠପ୍ ହୋଇଯାଇଥିବା କୁହାଯିବାରୁ ସମ୍ପୃକ୍ତ ଦୁର୍ଘଟଣାଗ୍ରସ୍ତ ଯୁବକ ବାଧ୍ୟ ହୋଇ ଘରୋଇ ମେଡିକାଲ ଯାଇ ସିଟିସ୍କାନ କରିଥିଲେ। କେବଳ ସମ୍ପୃକ୍ତ ଯୁବକ ନୁହନ୍ତି ଏପରି ୫ ଜଣ ରୋଗୀ ଫେରିଥିବା ଚର୍ଚ୍ଚା ହେଉଛି। ସେମାନଙ୍କ ମଧ୍ୟରୁ କେତେଜଣ କଟକ ଯାଇଥିବା ବେଳେ ଅନ୍ୟମାନେ ଘରୋଇ ହସ୍ପିଟାଲକୁ ଯାଇ ସେଠାରେ ଶୋଷଣର ଶିକାର ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟିସ୍କାନ ବ୍ୟବସ୍ଥା ଥିବାବେଳେ ରୋଗୀ ଘରୋଇ ମେଡିକାଲକୁ ଯାଇ ଅଯଥା ଖର୍ଚ୍ଚାନ୍ତର ଶିକାର ହେଉଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି। ସେହିପରି ସୁରକ୍ଷା କର୍ମୀ ମୁତୟନ ଥିବା ସତ୍ତ୍ୱେ ବ୍ୟାଟେରି କିପରି ଚୋରି ହେଲା ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି କହିଛନ୍ତି, ଏପରି ହୋଇଥିବା ଜାଣିନାହିଁ। ଏ ନେଇ ଏଡିଏମ୍‌ଓ ଏବଂ ପରିଚାଳକଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ସ୍ମେଲଟର ପ୍ଲାଣ୍ଟ ସମ୍ମୁଖରେ ଧାରଣା

ଅନୁଗୋଳ,୧୯।୧୨ (ଅମିତ କୁମାର ସାମଲ)

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ କାର୍ବନ ଏରିଆ ଇଲେକ୍ଟ୍ରିକାଲ ବିଭାଗରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକ ଗୋପୀନାଥପୁର ଗ୍ରାମର ରମେଶ ଚନ୍ଦ୍ର ସାହୁ(୫୬)ଙ୍କ ସୋମବାର ରାତିରେ ମୃତ୍ୟୁ ହୋଇଯାଇଛି। ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଅନୁଗୋଳ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଠିକା ଶ୍ରମିକଙ୍କ ସହଯୋଗୀମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଓ ଗୋପୀନାଥପୁର ଗ୍ରାମବାସୀ ନାଲ୍‌କୋ ସ୍ମେଲ୍‌ଟର ଗେଟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। କ୍ଷତିପୂରଣ ବାବଦକୁ ୧୫ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ଠିକା କର୍ମଚାରୀ ଭାବେ ନିଯୁକ୍ତି ଦେବାକୁ ଦାବି କରିଥିଲେ। ରାତି ୯ ଟା ସୁଦ୍ଧା କୌଣସି ସମାଧାନ ହୋଇ ନ ଥିବାରୁ ଧାରଣା ଜାରି ରହିଛି।

# ସିଲ୍ ହେଲା ରାଜଲକ୍ଷ୍ମୀ ହୋଟେଲ

ଅନୁଗୋଳ, ୧୯।୧୨ (ଅମିତ କୁମାର ସାମଲ)



ହୋଟେଲ ସିଲ୍ କରିବାକୁ ଆସିଥିବା ଅଧିକାରୀମାନେ।

ଅନୁଗୋଳ ସହର ଅମଲାପଡ଼ାରେ ଥିବା ରାଜଲକ୍ଷ୍ମୀ ହୋଟେଲ୍‌କୁ ମଙ୍ଗଳବାର ସିଲ୍ କରାଯାଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଋଣ ଆଣି ପରିଶୋଧ କରି ନ ଥିବାରୁ ହୋଟେଲ୍‌କୁ ସିଲ୍ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମାକୁ ଅଣଦେଖା କରି ଏହି ହୋଟେଲ୍‌କୁ ସିଲ୍ କରାଯାଇଥିବା ହୋଟେଲ୍ ମାଲିକ ଅଭିଯୋଗ କରିଛନ୍ତି। ବ୍ୟାଙ୍କ ଋଣ ପରିଶୋଧ ନ କରିବାରୁ ମଙ୍ଗଳବାର ସକାଳେ ବ୍ୟାଙ୍କ କର୍ମଚାରୀଙ୍କ ସହ ମାଜିଷ୍ଟ୍ରେଟ୍ ଓ ପୋଲିସ ଉପସ୍ଥିତିରେ ହୋଟେଲ ସିଲ୍ କରିବାକୁ ଅଧିକାରୀମାନେ ପହଞ୍ଚିଥିଲେ। ପରେ ହୋଟେଲ ମାଲିକ ଦେବଦତ୍ତ ପତି ମାଜିଷ୍ଟ୍ରେଟ୍ ଓ ବ୍ୟାଙ୍କ କର୍ମଚାରୀଙ୍କୁ ଜରୁରୀ କାଗଜପତ୍ର ଦେଖାଇଥିଲେ। କିନ୍ତୁ ତାହା ଦେଖିବା ପରେ ମଧ୍ୟ ହୋଟେଲ ଓ ସେଠାରେ ଥିବା ବ୍ୟବସାୟୀଙ୍କୁ ଦୋକାନ ଖାଲି କରିବାକୁ କୁହାଯାଇଥିଲା। ପରେ ହୋଟେଲ୍ ଓ ଦୋକାନକୁ ସିଲ୍ କରାଯାଇଥିଲା। ଏ ନେଇ ହୋଟେଲ ମାଲିକ କହିଛନ୍ତି, ମେ ୨୦୧୮ରୁ ହୋଟେଲ ଖୋଲିବାକୁ ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ବ୍ୟାଙ୍କକୁ ମାସିକ କିସ୍ତି ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ସମସ୍ତ କାଗଜପତ୍ର ରହିଥିଲେ ମଧ୍ୟ ହୋଟେଲ୍ ସିଲ୍ କରାଯାଇଥିବାରୁ ଆଇନ୍‌ର ଆଶ୍ରୟ ନେବେ ବୋଲି ହୋଟେଲ ମାଲିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ହୋଟେଲ ସିଲ୍ କରିଥିବା ଅଧିକାରୀ କହିଛନ୍ତି, ଋଣ ଟଙ୍କା ଶୁଝି ନ ଥିବାରୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ହୋଟେଲକୁ ସିଲ୍ କରାଯାଇଛି।

# ଆଜି ଅନଶନ କରିବେ ୨ କ୍ଷତିଗ୍ରସ୍ତ ପ୍ରଜା

ତାଳଚେର,୧୯।୧୨(ମନୋଜ ନନ୍ଦ)

ଦୀର୍ଘଦିନ ଧରି ନିଯୁକ୍ତି ନ ମିଳିବା ପ୍ରତିବାଦରେ ଆସନ୍ତା ୨୦ରୁ ନାଲ୍‌କୋ ସିପିପିଠାରେ ଆମରଣ ଅନଶନ କରିବେ ୨ କ୍ଷତିଗ୍ରସ୍ତ ପ୍ରଜା ତାଳଚେର ବ୍ଲକ ଟୋଲକଲୁଣ୍ଡି ଗ୍ରାମର ଶିବରାମ ଦେହୁରୀ ଏବଂ ଲିଙ୍ଗରାକଟା ଗ୍ରାମର ନିରଞ୍ଜନ ପରିଡା। ନାଲ୍‌କୋ ଉଭୟଙ୍କ ଜମି ଅଧିଗ୍ରହଣ କରିଛି। ଏଥିସହିତ କମ୍ପାନୀ ଉଭୟଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ସହ ଏକକାଳୀନ ଟ୍ରେନିଂ ନେଇଥିବା ଅନ୍ୟ ଜଣକୁ ନାଲ୍‌କୋ ପକ୍ଷରୁ ନିଯୁକ୍ତି ମିଳି ସାରିଥିବାବେଳେ ଉଭୟ ଏବେ ମଧ୍ୟ ନାଲ୍‌କୋ ଅବହେଳାର ଶୀକାର ହୋଇଛନ୍ତି। ଏହାର ପ୍ରତିବାଦରେ ଉଭୟେ ଅନଶନ କରିବେ ବୋଲି କହିଛନ୍ତି।

# ଦୁର୍ଘଟଣାଜନିତ ବଢୁଥିବା ମୃତ୍ୟୁକୁ ନେଇ ଉଦ୍‌ବେଗ

ଅନୁଗୋଳ,୧୯।୧୨ (ଅମିତ କୁମାର ସାମଲ)



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗତ ନଭେମ୍ବରରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦିନକୁ ଦିନ ବଢୁଥିବା ଦୁର୍ଘଟଣା ଜନିତ ମୃତ୍ୟୁକୁ ନେଇ କମିଟି ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟତଃ ଦୁର୍ଘଟଣାଗୁଡ଼ିକ ୫୫ନଂ ଜାତୀୟ ରାଜପଥରେ ହେଉଥିବାରୁ ବୈଠକକୁ ଆସିଥିବା ଏନ୍‌ଏଚ୍‌ଏଆଇର ପ୍ରତିନିଧିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଦୀର୍ଘଦିନ ଧରି ଜାତୀୟ ରାଜପଥକୁ ସ୍ଥାୟୀ ମରାମତି କରା ନ ଯିବାରୁ ଏହା ଏକ ମରଣଯନ୍ତା ପାଲଟିଯାଇଛି ବୋଲି କମିଟି ସଭ୍ୟମାନେ ଅଭିଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ଏନ୍‌ଏଚ୍‌ଏଆଇର ପ୍ରତିନିଧିଙ୍କୁ ତାଗିଦ କରି ଆସନ୍ତା ୧୫ ଦିନ ଭିତରେ ଜାତୀୟ ରାଜପଥକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବା ସହ ଏହା ତୁରନ୍ତ କାର୍ଯ୍ୟକାରୀ ନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ବାରମ୍ବାର ତାଗିଦ ସତ୍ତ୍ୱେ ଏନ୍‌ଏଚ୍‌ଏଆଇ ମୁଖ୍ୟ କର୍ତ୍ତୃପକ୍ଷ ବୈଠକକୁ ନ ଆସି ପ୍ରତିନିଧିଙ୍କୁ ପଠାଉଥିବାରୁ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ନୂଆ ବର୍ଷକୁ ଦୃଷ୍ଟିରେ ରଖି ପର୍ଯ୍ୟଟନସ୍ଥଳୀରେ ଭିଡ଼ ଜମିବା ସହ ଦୁର୍ଘଟଣା ବଢ଼ିବାର ଅଧିକ ସମ୍ଭାବନା ରହିଥିବାରୁ ପୋଲିସ, ପରିବହନ ଓ ଅବକାରୀ ବିଭାଗର ଅଧିକାରୀମାନଙ୍କୁ ସାବଧାନ ରହିବା, ଚଢ଼ାଉ, ଯାନବାହାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ନିଶ୍ଚଳ କୁମାର ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଶିବାନନ୍ଦ ମହାନ୍ତ, ସଂଗ୍ରାମ ରଞ୍ଜନ ଦାସ ଓ ଟ୍ରକ ମାଲିକ ସଂଘ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ଅନୁଗୋଳ,୧୯।୧୨ (ଅମିତ କୁମାର ସାମଲ)

ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଅଧିନିୟମ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପରିବାର ଅଦାଲତ ବିଚାରପତି ସଦାଶିବ ଜେନା, ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ସଚିବ ଜିଲା ଆଇନସେବା ପ୍ରାଧିକରଣ କମଳାକାନ୍ତ ନାୟକ, ଡେପୁଟି ଚିଫ୍ ଲିଗାଲ ଏଡ କାଉନସିଲ ବିନାୟକ ଗୋଡୁକା, ଫ୍ରଣ୍ଟ ଅଫିସ ରିଟେନର ମମତାରାଣୀ ମହାପାତ୍ର, ଜିଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିଚାଳନା କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା ଶିବିରରେ ଉପସ୍ଥିତ ବିଚାର ବିଭାଗୀୟ ଅଧିକାରୀମାନେ।

# ସୁରକ୍ଷିତ ଯାତ୍ରା ପାଇଁ ସଚେତନତା




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

କଣିହାଁ,୧୯।୧୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଡିଗ୍ରୀ କଲେଜରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜାରି ରହିଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ରାସ୍ତାରେ ସୁରକ୍ଷିତ ଯାତ୍ରା ପାଇଁ ସଚେତନତା ସୃଷ୍ଟି କରିଥିଲେ। କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ପୂର୍ବତନ ଜିଲାପରିଷଦ ସଦସ୍ୟ କ୍ଷୀରଦ ସିନ୍ଧୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ମନୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ପ୍ରସାନ୍ତ ସାହୁ, ପ୍ରଦୀପ ପ୍ରଧାନ, ଧନେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କ୍ରୀଡ଼ାରେ ଭାଗ ନେଲେ ସବୁ ଛାତ୍ରୀଛାତ୍ର

ତାଳଚେର, ୧୯।୧୨ (ମନୋଜ ନନ୍ଦ)

ତାଳଚେରର ବହ୍ଲର ଛକସ୍ଥିତ ଆଇଡ୍ରିମ ମ୍ୟାନେଜେମେଣ୍ଟ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ନିର୍ଦ୍ଦେଶକ ଦୀପ୍ତିରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଜୁନିୟର କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଙ୍କଜ ଆଇଚ, କଲେଜ ଅଧ୍ୟକ୍ଷ ଯୋଗେଶ୍ୱର ସାହୁ, ପରିଚାଳନା କମିଟି ସଦସ୍ୟ ସଞ୍ଜୟ କୁମାର ସାହୁ, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଦୀପ ମହାପାତ୍ର, ସ୍ନାତକ ଆଇଟି ବିଭାଗ ମୁଖ୍ୟ ନିର୍ମଳ ମହାନ୍ତ ଏବଂ ଆଇଟି ବିଭାଗ ଅଧ୍ୟାପିକା ମୋନାଲିସା ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଡ. ରଶ୍ମିରଞ୍ଜନ ମିଶ୍ର ଏବଂ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ତପନ କୁମାର ମହାରଣା ଯୋଗଦେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ସମାଜ ଗଠନରେ ସହାୟକ ହୁଅନ୍ତୁ

ଢେଙ୍କାନାଳ,୧୯।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବଣସିଂହ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ନୋଡାଲ ଅଫିସର ତଥା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ମୁଖ୍ୟବକ୍ତା ଭାବେ ଯୋରନ୍ଦା କଲେଜ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରହଲାଦ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ର ଓ ଯୁବପିଢି ନୈତିକ ମୂଲ୍ୟବୋଧ ରଖି ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ବଣସିଂହ ସରପଞ୍ଚ ପ୍ରମିଳା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୋଡାଲ ଅଫିସର ଅର୍ଥନୀତି ଅଧ୍ୟାପକ ନବୀନ ପତି, ଓଡ଼ିଆ ଅଧ୍ୟାପକ ଶରତ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଗ୍ରୀ ଓ ଜୁନିୟର କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।




ବଣସିଂହ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଭୂମିପୂଜନ, ଶିଳାନ୍ୟାସ

ପରଜଙ୍ଗ,୧୯।୧୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆମ୍ବପଳାସ ଗ୍ରାମରେ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଓ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳାପୁରୁଷ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ନିକଟସ୍ଥ କନ୍ଥୁର ଗ୍ରାମର ହନୁମାନ ବାଟିକା ନିକଟରୁ କଳସ ସହ ବିରାଟ ଶୋଭାଯାତ୍ରାରେ ଆସି ମନ୍ଦିର ନିର୍ମାଣ ସ୍ଥାନରେ ପହଞ୍ଚିବା ପରେ ଘଟ ସ୍ଥାପନ ହୋଇଥିଲା। ଏହାପରେ ପୂଜାବିଧି ମୁତାବକ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ହୋମଯଜ୍ଞ କରାଯାଇଥିଲା। ପରେ ଭବ୍ୟ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟ ହୋଇଥିଲା। ଗ୍ରାମର ସମସ୍ତ ଆବାଳ ବୃଦ୍ଧବନିତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

କାମାକ୍ଷାନଗର,୧୯।୧୨ (ସୁଧୀର ପରିଡ଼ା)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ କାମାକ୍ଷାନଗର ଓ ପରଜଙ୍ଗ ବିଧାନ ସଭା ନିର୍ବାଚନମଣ୍ଡଳୀର ସେକ୍ଟର ଅଫିସର ଏବଂ ପୋଲିସ ସେକ୍ଟର ଅଫିସରଙ୍କ ଏକ ମିଳିତ ପ୍ରଶିକ୍ଷଣ ଶିବିର ଶନିବାର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବୈଠକ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପ୍ରଶିକ୍ଷଣ ହୋଇଥିଲା। କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ) ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ପୋଲିସ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକଲେ ସଫଳତା ମିଳିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟର ଡ. ତୃପ୍ତିମୟୀ ପ୍ରଧାନ, ବିଡିଓ ଅବିନାଶ ପାଣ୍ଡିଆ, ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ରଙ୍କ ସମେତ କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାସ, ଭୁବନ ତହସିଲଦାର ଶୁଭ୍ର ସିରିଏଲ ପଟେଲ, ପରଜଙ୍ଗ ତହସିଲଦାର ପତିତପାବନ ଦେବତା, କଙ୍କଡ଼ାହାଡ ତହସିଲଦାର ସୌଦାମିନୀ ନାୟକଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

